## ସଂକ୍ଷେପରେ

### ଚାଷୀଙ୍କୁ କଚାଡ଼ି ମାରିଲା ଦନ୍ତା

**କାମାକ୍ଷାନଗର, ୧୯।୧୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ମହାବିରୋଡ଼ ରେଞ୍ଜ ଗଡ଼ପଳାଶୁଣୀ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ଜୀବନ ଯାଇଛି। ମୃତକ ହେଲେ ନାରାୟଣ ନାୟକ (୫୫)। ସୋମବାର ରାତିରେ ନାରାୟଣଙ୍କ ସମେତ ଗ୍ରାମର ଅନ୍ୟ କେତେଜଣ ଚାଷୀ ଫସଲ ଜଗିବାକୁ ଖେତକୁ ଯାଇଥିଲେ। ବିଳମ୍ବିତ ରାତିରେ ପରସ୍ପର ମଧ୍ୟରେ କଥା ହେଉଥିବାବେଳେ ହଠାତ୍ ଏକ ହାତୀ ବାହାରି ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଏଥିରେ ତାଙ୍କ ମୁଣ୍ଡରେ ଗୁରୁତର କ୍ଷତ ସୃଷ୍ଟି ହୋଇଥିଲା। ଜମିରେ ଉପସ୍ଥିତ ଅନ୍ୟ ଚାଷୀମାନେ ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ରେଞ୍ଜର ସୁବ୍ରତ ବେହେରା, ଫାଣ୍ଡି ଅଧିକାରୀ ବିନୟ ସାହୁ ପହଞ୍ଚି ତଦନ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ୧୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅବଶିଷ୍ଟ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।

### ସିଆରପିସିରେ ମୁକୁଳିଲେ ୫ ଛାତ୍ର

**ପରଜଙ୍ଗ, ୧୯।୧୧(ଡି.ଏନ.ଏ.):** ଆଇଜିଆଇଟି କଲେଜର ତୃତୀୟ ବର୍ଷ ବି-ଟେକ୍ ଛାତ୍ର ନିର୍ମଳକୃଷ୍ଣ ଦାସଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଅଟକ ଥିବା ଶେଷବର୍ଷର ୫ଜଣ ଛାତ୍ର ୪୧-ସିଆରପିସିରେ ଛାଡ଼ ପାଇଛନ୍ତି। ସମ୍ପୃକ୍ତ ଛାତ୍ରଙ୍କ ନାମରେ ପରଜଙ୍ଗ ଥାନାରେ ନଂ. ୩୨୮୩/୧୯, ଦଫା ୨୯୪, ୩୪୧, ୩୨୩, ୩୪ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ସୋମବାର ଅଭିଯୁକ୍ତ ଛାତ୍ରଙ୍କୁ ପୋଲିସ ଅଟକ ରଖିଥିଲା। ମଙ୍ଗଳବାର ସେମାନଙ୍କୁ ସିଆର୍‌ପିସିରେ ଛଡ଼ାଯାଇଥିବା ଘଟଣାର ତଦନ୍ତ କରୁଥିବା ସରାଙ୍ଗ ଫାଣ୍ଡି ଅଧିକାରୀ ଦାମୋଦର ସାହୁ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ଓଏଏସ୍ ଅଧିକାରୀଙ୍କ ପରଲୋକ



**ଢେଙ୍କାନାଳ ଅଫିସ, ୧୯।୧୧:** ଢେଙ୍କାନାଳ ଅମଲାପଡ଼ାରେ ରହୁଥିବା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ମିଶ୍ର (୮୯)ଙ୍କ ମଙ୍ଗଳବାର ଅପରାହ୍ଣରେ ପରଲୋକ ହୋଇଯାଇଛି। ଅନ୍ତିମ ସମୟରେ ତାଙ୍କ ନିକଟରେ ପରିବାର ସଦସ୍ୟଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଏହି ସୂଚନା ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀ ଭାବେ ସେ କଟକ ଜିଲାର ବଡମ୍ବାଠାରେ ତହସିଲଦାର, ଖୋର୍ଦ୍ଧା, ସୋନପୁର, ଅନୁଗୋଳରେ ରାଜସ୍ୱ ବିଭାଗର ଅଧିକାରୀ ଏବଂ ଅବିଭକ୍ତ ଢେଙ୍କାନାଳ ଜିଲାରେ ନାଲ୍‌କୋ କମ୍ପାନୀ ପ୍ରତିଷ୍ଠା ସମୟରେ ଜମି ଅଧିଗ୍ରହଣ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ସହରରେ ଶୋକର ଛାୟା ଖେଳିଯାଇଛି।

# ମାର୍ଚ୍ଚ ୧୪ରୁ ମହିମା ଜ୍ୟୋତିଯାତ୍ରା



ମହିମା ଜ୍ୟୋତିଯାତ୍ରା ପାଇଁ ଅନୁଷ୍ଠିତ ବୈଠକରେ ସାଧୁସନ୍ଥ ଓ ଅନ୍ୟମାନେ।

- ବଣ୍ଟାଯିବ ମହିମା ଧର୍ମର ବାର୍ତ୍ତା
- ଗୁଣ୍ଡିଚାପଡ଼ାରୁ ଶୁଭାରମ୍ଭ ହେବ
- ତପୋବନ ପୀଠରେ ସରିବ

**ଢେଙ୍କାନାଳ ଅଫିସ, ୧୯।୧୧**

ମହିମା ଧର୍ମର ମହାନ ବାର୍ତ୍ତା ପ୍ରଚାର କରିବାକୁ ଆସନ୍ତା ମାର୍ଚ୍ଚ ୧୪ରେ ମହିମା ଜ୍ୟୋତି ପରିକ୍ରମାରେ ବାହାରିବ। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ଗୁଣ୍ଡିଚାପଡ଼ା ମହିମାଟୁଙ୍ଗୀରୁ ଏହାର ଶୁଭାରମ୍ଭ କରାଯିବ। ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା କରିବା ପରେ ମାର୍ଚ୍ଚ ୧୫ ଅପରାହ୍ଣରେ କପିଳାସସ୍ଥିତ ତପୋପନ ପୀଠକୁ ପବିତ୍ର ଜ୍ୟୋତି ପ୍ରତ୍ୟାବର୍ତ୍ତନ କରିବାକୁ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଜ୍ୟୋତିଯାତ୍ରା ପରିଚାଳନା ପରିଷଦ ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି।

୧୩ତାରିଖ ସନ୍ଧ୍ୟାରେ ତପୋବନ ମହିମା ପୀଠରେ ବ୍ରହ୍ମଜ୍ୟୋତିକୁ ଜାଗ୍ରତ କରାଯାଇ ରାତିରେ ଯୋରନ୍ଦାସ୍ଥିତ ମହିମାଗାଦିକୁ ଅଣାଯିବ। ୧୪ତାରିଖ ପୂର୍ବାହ୍ଣ ୮ଟା ସୁଦ୍ଧା ସେଠାରୁ ବ୍ରହ୍ମଜ୍ୟୋତି ବାହାରି ଓଡ଼ାପଡ଼ା ବ୍ଲକ୍ ଗୁଣ୍ଡିଚାପଡ଼ା ଟୁଙ୍ଗୀରେ ପହଞ୍ଚିବ। ସେଠାରେ ଅତିଥିମାନେ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିବେ। ଏହାପରେ ପର୍ଯ୍ୟାୟକ୍ରମେ ଶଙ୍କରପ୍ରତାପପୁର ଶାସନ ବେରବ, ସୋରତ, ବାବନ୍ଧ, ବେଡ଼ାପଡ଼ା, ଖଣ୍ଡିତିରି ଏବଂ ରଞ୍ଜାଗୋଳ ଟୁଙ୍ଗୀ ପରିକ୍ରମା କରିବା ପରେ ଗାଲପଡ଼ାରେ ରାତ୍ରିରହଣି ବ୍ୟବସ୍ଥା କରାଯାଇଛି। ମାର୍ଚ୍ଚ ୧୫ ପୂର୍ବାହ୍ଣ ୯ଟା ସୁଦ୍ଧା ମହିମାଜ୍ୟୋତି ଗାଲପଡ଼ା ଛାଡ଼ି ଭାନୁପଡ଼ା ଅଭିମୁଖେ ବାହାରିବ। ସେଠାରୁ ଖଳିବେରଣା, ଗାଙ୍ଗିଯୋଡ଼ି, ଶିରିଡ଼ିହି ଗ୍ରାମ ପରିକ୍ରମା ସାରି ତପୋବନ ପୀଠକୁ ପ୍ରତ୍ୟାବର୍ତ୍ତନ କରିବ। ଜ୍ୟୋତିଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବାକୁ ରବିବାର କୌପିନଧାରୀ ମହିମା ସମାଜର ସଭାପତି ଶ୍ରୀମଦ୍ ରଘୁନାଥ ବାବା, ଜ୍ୟୋତିଯାତ୍ରାର ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଆବାହକ ପ୍ରଶାନ୍ତ ମହାପାତ୍ର, ଶତ୍ରୁଘ୍ନ ସାହୁ, ସୁନନ୍ଦ ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ ବିଭିନ୍ନ ପୀଠ ବୁଲି ସମୀକ୍ଷା କରିଛନ୍ତି।

ଜ୍ୟୋତିଯାତ୍ରାକୁ ସୁରୁଖୁରୁରେ ସାରିବାକୁ ଗୁଣ୍ଡିଚାପଡ଼ାର ମୀନକେତନ ସାହୁ, ଗୁମାନୀ ସାହୁ, ବିଜୟ ଦାସ, ବାବନ୍ଧର ବାବା ଶ୍ରୀଧର ଦାସ, ଗ୍ରାମସଭାପତି ରାଜକିଶୋର ସାହୁ, ରଞ୍ଜାଗୋଳ ଟୁଙ୍ଗୀର ସରୋଜ ବିଶ୍ୱାଳ, ଗାଲପଡ଼ା ଗ୍ରାମସଭାପତି ଶିଶିର ଦଳେଇ, କୋଠାଲୁ ଗ୍ରାମସଭାପତି ଗଙ୍ଗାଧର ଦାସ, ଭାନୁପଡ଼ାର ସନାତନ ସାହୁ ପ୍ରମୁଖଙ୍କ ସମେତ ସମ୍ପୃକ୍ତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି।

## ସ୍ୱାସ୍ଥ୍ୟସେବା ସମସ୍ୟା ନେଇ ଏଏପିର ପ୍ରତିବାଦ

# ସିଡିଏମ୍‌ଓଙ୍କୁ ୧୨ଦଫା ଦାବିପତ୍ର



ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୯।୧୧**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲାଗି ରହିଥିବା ଅବ୍ୟବସ୍ଥାର ପ୍ରତିବାଦ କରିଛି ଆମ୍ ଆଦ୍‌ମୀ ପାର୍ଟି (ଏଏପି)। ଏ ନେଇ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଟାଉନ୍ ହଲ୍‌ରୁ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ବାହାରି ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଯାଇ ନାରାବାଜି କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ନିରଞ୍ଜନ ମିଶ୍ରଙ୍କୁ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ରାଲିର ଶୁଭାରମ୍ଭ କରି ନିଜର ହକ୍ ପାଇଁ ଲଢ଼ିବାକୁ ସହରବାସୀଙ୍କୁ ଆହ୍ୱାନ ଦେଇଥିଲେ।

ଡାକ୍ତରଖାନାରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ସବୁ ବିଭାଗରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବା, ବାଜିଚୌକସ୍ଥିତ ପୁରୁଣା ହସ୍ପିଟାଲ୍‌କୁ ସିଟି ହସ୍ପିଟାଲ୍‌ରେ ପରିଣତ କରିବାକୁ ଅଗ୍ରାଧିକାର ଦେବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଜିଲା ଆବାହକ ପଙ୍କଜ କୁମାର ନାୟକ, ନଗର ସଂଯୋଜକ ଆଶିଷ ମିଶ୍ର, ରାଜ୍ୟ ସଂଖ୍ୟା ଲଘୁ ସେଲ୍ ସମ୍ପାଦକ ନୁରୁଲ୍ ଇସ୍‌ଲାମ୍, ଜିଲା ସଂଯୋଜକ ଡ. ଅଜୟ ପତି, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ଭାନୁମତୀ ସାହୁ, ମାନସୀ ପ୍ରଧାନ, ମଞ୍ଜୁ ପଧାନ, ଅଞ୍ଜନା ପଧାନ, ଅବନ୍ତୀ ପଧାନ, ସୁମିତ୍ରା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା

# ଭାଗନେଲେ ୫୦୦ ପ୍ରତିଯୋଗୀ



ପ୍ରତିଯୋଗିତାରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୯।୧୧**

ଢେଙ୍କାନାଳ ଜିଲା ପ୍ରଶାସନ, ଶିକ୍ଷା ବିଭାଗ ଏବଂ ସମଗ୍ର ଶିକ୍ଷା ଅଭିଯାନର ମିଳିତ ସହଯୋଗରେ ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ବ୍ଲକରୁ ୫୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବ୍ଲକସ୍ତରରୁ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୩୨୦ ଜଣ ଏବଂ ସ୍ୱତନ୍ତ୍ର ଭାବେ ୧୨୦ ପ୍ରତିଯୋଗୀ ରହିଥିଲେ।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। ଉଭୟ ବରିଷ୍ଠ ଏବଂ କନିଷ୍ଠ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ା, କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲାସ୍ତରରେ ପ୍ରଥମସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ।

# ୧୧ରୁ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

**କାମାକ୍ଷାନଗର, ୧୯।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ହାଇସ୍କୁଲ ପରିସରରେ ଆସନ୍ତା ୧୧ ତାରିଖରୁ ଦୁଇଦିନ ଧରି ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିରେ ଜିଲାର ବ୍ଲକ, ଏନ୍‌ଏସି ଅଧୀନ ବିଭିନ୍ନ ସ୍କୁଲରୁ ୧୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହେବ। ଏପରି ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସୋମବାର ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସୁକାନ୍ତ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା ଯୋଗଦେଇ ପ୍ରଦର୍ଶନୀକୁ ସଫଳତାର ସହ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। କାମାକ୍ଷାନଗର ବିଇଓ ଅଜୟ କୁମାର ପାତ୍ର, ପରଜଙ୍ଗ ବିଇଓ ହରିହର ଦେହୁରୀଙ୍କ ସମେତ ଜିଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ। ପ୍ରଦର୍ଶନୀରେ ଭାଗନେଉଥିବା ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦେବାକୁ ପରାମର୍ଶ ଦିଆଯାଇଥିଲା। ଜିଲାର ପ୍ରତି ବ୍ଲକ ଏବଂ ଏନ୍‌ଏସିରୁ ୧୦ଟି ଲେଖାଏ ପ୍ରକଳ୍ପ ସ୍ଥାନିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଆସୁଥିବା ଛାତ୍ରୀଛାତ୍ର, ଗାଇଡ ଟିଚର, ବିଚାରକ ଏବଂ ଶିକ୍ଷା ବିଭାଗ ଅଧିକାରୀଙ୍କ ରହିବା, ଖାଇବା ବ୍ୟବସ୍ଥା କରିବାକୁ କମିଟି ଗଠିତ ହୋଇଛି। ବୈଠକରେ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସ, ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ପୃଷ୍ଟି, ଶ୍ରୀରାମ ରାଉତ, ସଂଯୁକ୍ତା ନାୟକ, ଶ୍ରୀକାନ୍ତ ପାତ୍ର, ପ୍ରିୟବ୍ରତ ପଣ୍ଡା, ଗଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା

# ଜିଲାସ୍ତରକୁ ୧୧ ପ୍ରକଳ୍ପ ମନୋନୀତ



ବିଧାୟକ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**କାମାକ୍ଷାନଗର, ୧୯।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କନ୍ତିଓପୁଟସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ୧୭ କ୍ଲଷ୍ଟରରୁ ଆସିଥିବା ୭୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୧୧ଟି ପ୍ରକଳ୍ପ ଜିଲାସ୍ତରକୁ ଚୟନ କରାଯାଇଛି।

ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ସ୍କୁଲରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ପିଲାମାନଙ୍କୁ ଉତ୍ସାହିତ କରାଇବା ଆବଶ୍ୟକ। ଶିକ୍ଷକ ଏବଂ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ପିଲାମାନେ ଅନୁସନ୍ଧିତ୍ସୁ ହେବା ଜରୁରୀ। ନିଜକୁ ନିଜେ ପ୍ରଶ୍ନ ପଚାରି ସମାଧାନର ବାଟ ଖୋଜିଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହେବ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସୁକାନ୍ତ ସାହୁ, ବିଇଓ ଅଜୟ ପାତ୍ର, ହରିହର ଦେହୁରୀ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ ସାହୁ, ଶଙ୍କର୍ଷଣ ସାହୁ, ପ୍ରଧାନ ଶିକ୍ଷକ ତଥା ଜିଲା ବିଜ୍ଞାନ କମିଟି ସଭ୍ୟ କୈଳାସ ଚନ୍ଦ୍ର ପୃଷ୍ଟି, ପୂର୍ବତନ ସରପଞ୍ଚ ବିନୟ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

କାନପୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ସ୍ୱାଗତ ଭାଷଣ ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମାନୁଲା ଖାନ୍ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**କାମାକ୍ଷାନଗର, ୧୯।୧୧(ଡି.ଏନ୍.ଏ.)**

କଙ୍କଡାହାଡ଼ ଥାନା ବାଲିକୁମା ପଞ୍ଚାୟତ ଡାଆଁଶନାଳି ଗ୍ରାମର ରଘୁନାଥ ହେମ୍ବ୍ରମ୍ (୬୫) ମଙ୍ଗଳବାର ସନ୍ଧ୍ୟାରେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ଗ୍ରାମ ପାଖ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇ ଫେରୁଥିବାବେଳେ ଭାଲୁ ଆକ୍ରମଣ କରିଥିଲା। ସେ କୌଣସି ମତେ ଜୀବନ ବଞ୍ଚାଇ ଗାଁ ମୁଣ୍ଡ ଯାଏ ଆସିଥିଲେ। ସେଠାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଅବସ୍ଥା ସଙ୍ଗିନ ଥିବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଅଗ୍ନିକାଣ୍ଡରେ ୩ ବଖରା ପୋଡ଼ି ପାଉଁଶ

**କାମାକ୍ଷାନଗର/ ଭୁବନ, ୧୯।୧୧(ଡି.ଏନ.ଏ.)**

କାମାକ୍ଷାନଗର ସହର ଉପକଣ୍ଠ ଜିରିଡ଼ାମାଳି ରାଧାକୁଞ୍ଜ ସାହିରେ ମଙ୍ଗଳବାର ସନ୍ଧ୍ୟାରେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ସନାତନ ସାହୁଙ୍କ ୨ବଖରା ପୋଡ଼ି ଛାରଖାର ହୋଇଯାଇଛି। କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ଭୁବନ ଥାନା ଭୁଷଳ ଗ୍ରାମର ପ୍ରକାଶ ମଳିକଙ୍କ ଘର ମଧ୍ୟ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ପୋଡ଼ିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ଛାରଖାର ହୋଇଯାଇଛି। ଭୁବନ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନଗର ପରିକ୍ରମା କଲା ସଦ୍‌ଭାବନା ରାଲି

**ପରଜଙ୍ଗ, ୧୯।୧୧(ଡି.ଏନ୍.ଏ.)**

ପରଜଙ୍ଗ କଲେଜରେ ମଙ୍ଗଳବାର ଅପରାହ୍ଣରେ ଜାତୀୟ ସଂହତି ଏବଂ ସାମ୍ପ୍ରଦାୟିକ ସଦ୍‌ଭାବନା ଦିବସ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ସଦ୍‌ଭାବନା ରାଲି ନଗର ପରିକ୍ରମା କରି ଜାତୀୟ ସଂହତି ବାର୍ତ୍ତା ବାଣ୍ଟିଥିଲା। ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଯୋଜକ ପ୍ରମୋଦ ଦୀପ, ଅଧ୍ୟାପକ ପ୍ରବୋଧ ରଥ, ପ୍ରସନ୍ନ ସାହୁ, ବିଶିକେଶନ କର୍ଣ୍ଣ, ବିକାଶ ପ୍ରଧାନ, ଅଧ୍ୟାପିକା ସସ୍ମିତା ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଜାତୀୟତା ଏକ ଭାବନା। ଏଥିରେ ଅଭିମନ୍ତ୍ରିତ ହୋଇ ଅନେକ ମହାପୁରୁଷ ଇତିହାସ ସୃଷ୍ଟି କରିଛନ୍ତି। ଏହାକୁ ହୃଦୟଙ୍ଗମ କରି ଆଗକୁ ବଢ଼ିଲେ ଶିକ୍ଷାର୍ଥୀମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଅତିଥିମାନେ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପକ ଅଞ୍ଜନ ମହାରଣା ଶୋଭାଯାତ୍ରାର ନେତୃତ୍ୱ ନେଇଥିବାବେଳେ କଲେଜର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





## GANGADHAR MEHER UNIVERSITY, SAMBALPUR

**NOTICE**

**No. 6213 / GMU** **IA-06/2020** **Date: 19.11.19**

The G.M. University, Sambalpur is going to conduct Gangadhar Meher University Eligibility Test (GET) for admission to the M. Phil & Ph. D. Programme in the subject mentioned below. These programs will commence from January 2020.

**M. Phil Programs-** Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Statistics, Zoology and Management Studies (Self-Financing)

**Ph. D. Programs-** Commerce, Economics, Education, Geograpy, Hindi, Philosophy, Political Science, Psychology and Statistics.

For application form and other details, kindly visit the University website- **www.gmuniversity.ac.in**.

**TIME LINE**

1. The last date for Submission of Application Form- 06.12.2019 upto 4.00 PM.
2. The date of Entrance Test Ph.D.- 14.12.2019 (10.00 to 11.00 AM followed by Viva-Voce from 11.30 AM onwards).
3. The date of Entrance Test of M. Phil- 13.12.2019 (10.00 to 11.00 AM followed by Viva-Voce from 11.30 AM onwards).

**Sd./- REGISTRAR,**
**G.M. University, Sambalpur**

ଧରିତ୍ରୀ
DHARITRI
ଢେଙ୍କାନାଳ, ବୁଧବାର, ୨୦ ନଭେମ୍ବର , ୨୦୧୯



## ସଂକ୍ଷେପରେ

### ପଥରରେ ଛେଚି ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଅଟକ

ବଡବିଲ,୧୯।୧୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡବିଲସ୍ଥିତ ସେଡିଂ ବସ୍ତିରୁ ସୋମବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି । ପୋଲିସ ମୃତଦେହ ଜବତ କରି ତନାଘନା ଚଳାଇଛି। ମୃତକ ହେଲେ ବାସନ୍ତୀ ନାଏକ । ପୋଲିସ ଏହି ଘଟଣାରେ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି । ସୋମବାର ରାତିରେ ବାସନ୍ତୀଙ୍କ ପୁଅ ଅଜିତ ଥାନାକୁ ଯାଇ ତାଙ୍କ ମା'ଙ୍କୁ ବାପା ହତ୍ୟା କରିଥିବା ସନ୍ଦେହ କରି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୩୦୨ ଦଫାରେ ଏକ ମାମଲା (ନଂ.୨୨୩/୨୦୧୯) ରୁଜୁ କରିଥିବା ବଡ଼ବିଲ ଥାନା ଇନ୍ସପେକ୍ଟର ସୁଶାନ୍ତ ଦାସ କହିଛନ୍ତି। ମୃତା ମହିଳା ବାସନ୍ତୀ ନାଏକଙ୍କ ପୁଅ ଅଜିତ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ସବୁଦିନ ଭଳି ତାଙ୍କ ମା' ଓ ବାପା ଉଭୟ କାଠ ଆଣିବାକୁ ସୟାବାଲି ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟାରେ ସେଡିଂ ବସ୍ତିର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ତାଙ୍କ ମା'ଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ପରେ ଏହାର ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବାକୁ ତାଙ୍କ ପୁଅ ଦାବି କରିଛନ୍ତି।

### ଡେଙ୍ଗୁରେ ଯୁବକଙ୍କ ମୃତ୍ୟୁ ସନ୍ଦେହ

ଢେଙ୍କିକୋଟ, ୧୯।୧୧(ଡି.ଏନ୍.ଏ.)- କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସାନ୍ତରାପୁର ଗ୍ରାମ ପଞ୍ଚାୟତ ଅଞ୍ଚଳର ବେଲାଲ ଖାନ୍‌ଙ୍କର ଡେଙ୍ଗୁ ଜ୍ୱରରେ ଗତ ଶନିବାର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ବେଲାଲ୍ ଗତ ୧୩ତାରିଖ ରାତିରେ ଗୁରୁତର ହେବାରୁ ଶୁକ୍ରବାର ତାଙ୍କୁ କେନ୍ଦୁଝର ଏବଂ ପରେ କଟକ ପଠାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ପଠାଯାଇଥିଲା। ତେବେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ୨ ମହିଳା ମଦ ବେପାରୀ ଗିରଫ

ଘସିପୁରା,୧୯।୧୧(ଡି.ଏନ.ଏ.)- ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଦେଶୀ ମହୁଲି ମଦ ଜବତ କରାଯିବା ସହିତ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ମହୁଲ ପୋଚ ଏବଂ ମଦ ପ୍ରସ୍ତୁତି ସରଞ୍ଜାମ ଜବତ କରିଥିବା ଜଣାଯାଇଛି। ଅବକାରୀ ଏସଆଇ ନରେନ୍ଦ୍ର କୁମାର ପ୍ରଧାନ କେତେକ ନାଳ କୂଳରେ ଥିବା ମଦ ରନ୍ଧା ଚୁଲି ଗୁଡ଼ିକ ଭାଙ୍ଗି ଦେଇଥିଲେ। ପରେ ବେଲଦା ଗ୍ରାମରୁ ୩୭ଲିଟର ମହୁଲି ମଦ ଜବତ କରିବା ସହିତ ଏହି କାରବାରରେ ସମ୍ପୃକ୍ତ ଥିବା ଉକ୍ତ ଗ୍ରାମର ଶ୍ରୀମତି ହେମ୍ବ୍ରମ ଓ ଟୁନି ହେମ୍ବ୍ରମକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

### ଯୁବକଙ୍କୁ ଆକ୍ରମଣ ଘଟଣା, ୨ କୋର୍ଟ ଚାଲାଣ

ଅନୁଗୋଳ ଅଫିସ,୧୯।୧୧: ଅନୁଗୋଳ ଥାନା ଖଣ୍ଡହତା ଗ୍ରାମର ଲୁନା ଜେନାଙ୍କୁ ଗତ ୧୬ ତାରିଖରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ମଙ୍ଗଳବାର ପୋଲିସ ସେହି ଗ୍ରାମର ରାଜେନ୍ଦ୍ର ସାହୁ(୫୬) ଓ ସତ୍ୟ ବାଘ(୨୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପୋଲିସ କହିଛି, ପୂର୍ବ ଶତ୍ରୁତାକୁ ନେଇ ଲୁନାଙ୍କୁ ସତ୍ୟ ଓ ରାଜେନ୍ଦ୍ର ଆକ୍ରମଣ କରିଥିଲେ। ଏ ନେଇ ଲୁନାଙ୍କ ସ୍ତ୍ରୀ ମମି ଦେହୁରୀ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୯୫୮/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

■ଅସନ୍ତୋଷ ଝାଡ଼ିଲେ ସଫେଇ କର୍ମଚାରୀ

# ପୌରପାଳିକା ବିରୋଧରେ ଜିଲାପାଳଙ୍କୁ ଦାବିପତ୍ର

ଅନୁଗୋଳ ଅଫିସ, ୧୯।୧୧



ଅନୁଗୋଳ ପୌରପାଳିକା ଓ ସଫେଇ କାର୍ଯ୍ୟ ଠିକା ନେଇଥିବା ଘରୋଇ ସଂସ୍ଥା ଉପରେ ଅସନ୍ତୋଷ ବ୍ୟକ୍ତ କରିଛି ଅନୁଗୋଳ ଜିଲା ସଫେଇ କର୍ମଜୀବୀ ସଂଘ। ମଙ୍ଗଳବାର ସଂଘ ପକ୍ଷରୁ ଏ ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ଦୀର୍ଘ ୨୦ରୁ ୨୫ ବର୍ଷ ଧରି ସେମାନେ କାମ କରୁଥିଲେ ମଧ ସ୍ଥାୟୀ ଚାକିରିର ମାନ୍ୟତା ମିଳୁନାହିଁ। ୧୫୦ କର୍ମଜୀବୀଙ୍କ ପାଉଣାରୁ ଦୈନିକ ୪୦ ଟଙ୍କା କଟାଯାଉଥିଲେ ବି କର୍ମଚାରୀ ଭବିଷ୍ୟନିଧିପାଣ୍ଠି ତଥା କର୍ମଚାରୀ ବୀମା ବାବଦରେ ଜମା ରଖାଯାଉ ନାହିଁ। ଏ ବାବଦରେ କୋଟିଏରୁ ଅଧିକ ଅର୍ଥ କୁଆଡ଼େ ଗଲା ତାହାର ତଦନ୍ତ କରାଯାଉ। ଟୋପି, ଜୋତା, ହାତ ଗ୍ଲୋଭସ, ପୋଷାକ, ଆପ୍ରନ, ସାବୁନ ଓ ତେଲ ଆଦି ଠିକ୍ ଭାବେ ଦିଆଯାଉ ନାହିଁ। ବର୍ଦ୍ଧିତ ଦରମା ପ୍ରଦାନ କରାଯାଉ ନ ଥିବା ବେଳେ ଠିକାଦାର ପ୍ରଥା ଉଚ୍ଛେଦ କରାଯାଇ ଜିଲା ସଫେଇ କର୍ମଜୀବୀ ସଂଘକୁ ଦାୟିତ୍ୱ ହସ୍ତାନ୍ତର କରାଯାଉ। ସଫେଇ କାର୍ଯ୍ୟ ୨୫ ଦିନ ଧରି ବନ୍ଦ ରହିଥିବାରୁ ସହରବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଫେଇ କର୍ମଚାରୀଙ୍କୁ ଦୈନିକ ୪୦ ହଜାର ଟଙ୍କା ଦିଆଯାଇ ପାରୁ ନ ଥିବାବେଳେ ମେଶିନ୍ ମାଧ୍ୟମରେ ସଫେଇ ପାଇଁ ଦୈନିକ ଲକ୍ଷ ଲକ୍ଷ ଟଙ୍କା କିପରି ଖର୍ଚ୍ଚ କରାଯାଇଛି ତାହାର ତଦନ୍ତ କରାଯାଉ। ଦାବି ଉପରେ ପ୍ରଶାସନ ପଦକ୍ଷେପ ନ ଦେବା ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ଉଲ୍ଲେଖ କରାଯାଇଛି।

## ପାଠାଗାର ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା



କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ତାଳଚେର,୧୯।୧୧(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ଗ୍ରାମର ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଏକ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଦ୍ମାବତୀପୁର ପଞ୍ଚାୟତ କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ପ୍ରଧାନ ଶିକ୍ଷକ କେଦାର ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ବ୍ଲକ ସମ୍ପ୍ରସାରଣ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଦିବାକର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଧାରଣଜ୍ଞାନ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ନାରାୟଣ ସାହୁ ଅତିଥି ପରିଚୟ ଦେଇଥିଲେ। ବିଚାରକ ଭାବେ ଶିକ୍ଷକ ଲକ୍ଷ୍ମୀଧର ବେହେରା, କନକ କିଷାନ ଓ ପାଠାଗାର ସଭାପତି ହାଡିବନ୍ଧୁ ପ୍ରଧାନ ଦାୟିତ୍ୱ ତୁଲାଇ ଥିଲେ। ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପାଠାଗାର କୋଷାଧ୍ୟକ୍ଷ ଦୟାନିଧି ସାହୁ, ପଞ୍ଚାନନ ବେହେରାଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁମିତା ଗଡନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ବିଜେଡି ସଦସ୍ୟ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

**ଶୂନ୍ୟକାଳ ପରେ ଗୃହରେ ରହୁନାହାନ୍ତି ଅଧିକାଂଶ ଶାସକ, ବିରୋଧୀ ସଦସ୍ୟ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ବିଧାୟକମାନଙ୍କୁ ବିଧାନସଭାରେ ଉପସ୍ଥିତ ରହି ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ବିଜେଡିର ଅଧିକାଂଶ ବିଧାୟକ ଗୃହରେ ଉପସ୍ଥିତ ରହୁ ନ ଥିବା ଦେଖାଯାଉଛି। ମଙ୍ଗଳବାର ଚାଷୀଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମୂଲତବୀ ଆଲୋଚନାବେଳେ ଶାସକ ଦଳର ଅଧିକାଂଶ ସଦସ୍ୟ ଗୃହରେ ଉପସ୍ଥିତ ନ ଥିଲେ। ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ସଦସ୍ୟମାନଙ୍କୁ ଗୃହରେ ଉପସ୍ଥିତ ରହିବା ପାଇଁ ତାଗିଦ୍ କରିଥିଲେ। ସଦସ୍ୟମାନଙ୍କର ଉପସ୍ଥିତି ଓ ସେମାନଙ୍କର କାର୍ଯ୍ୟଦକ୍ଷତାର ସମୀକ୍ଷା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିସାରିଛନ୍ତି।

ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଅଧିକାଂଶ ଆସନରେ ବିଧାୟକଙ୍କ ଉପସ୍ଥିତି ଦେଖିବାକୁ ମିଳୁଥିବାବେଳେ ଶୂନ୍ୟକାଳ ପରଠାରୁ ଧୀରେଧୀରେ ସଦସ୍ୟମାନେ ଗୃହ ବାହାରକୁ ଚାଲି ଯାଉଛନ୍ତି। ଏପରିକି କେତେକ ସଦସ୍ୟ ଆଦୌ ଗୃହକୁ ଆସୁ ନାହାନ୍ତି। ସ୍ୱଳ୍ପ ସଂଖ୍ୟକ ସଦସ୍ୟଙ୍କୁ ନେଇ ବାଚସ୍ପତି ଗୃହ ପରିଚାଳନା କରୁଛନ୍ତି। କେବଳ ଶାସକ ଦଳ ନୁହଁନ୍ତି, ବିରୋଧୀ ଦଳ ମଧ୍ୟରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳୁଛି। ମଙ୍ଗଳବାର ୧୨ଟା ୫୦ ମିନିଟ୍ ବେଳକୁ ଗୃହରେ ୩୫ଜଣ ବିଜେଡି ସଦସ୍ୟ ଥିବାବେଳେ ୧୮ଜଣ ଭାଜପା ଓ ୫ଜଣ କଂଗ୍ରେସ ସଦସ୍ୟ ଉପସ୍ଥିତ ଥିଲେ। ମଧ୍ୟାହ୍ନ ୧ଟା ୫୦ମିନିଟ୍ ବେଳକୁ ୧୭ଜଣ ବିଜେଡି, ୪ଜଣ କଂଗ୍ରେସ ଓ ୨ ଜଣ ଭାଜପା ସଦସ୍ୟ ଉପସ୍ଥିତ ଥିଲେ। ଅପରାହ୍ନ ୩ଟା ୩୦ରେ ଗୃହରେ ସଦସ୍ୟଙ୍କ ସଂଖ୍ୟା ଆହୁରି କମି ଯାଇଥିଲା। ସୂଚନା ଦିଆଯାଇ ପାରେ ଯେ ୧୪୭ ଆସନ ବିଶିଷ୍ଟ ବିଧାନସଭାରେ ବିଜେଡିର ୧୧୩, ଭାଜପା ୨୩, କଂଗ୍ରେସର ୯, ସିପିଏମ୍ ଓ ସ୍ୱାଧୀନରୁ ଜଣେ ଲେଖାଏ ସଦସ୍ୟ ଅଛନ୍ତି।

■ଥଇଥାନ ଦାବିରେ ମାଛ, ମାଂସ ବିକ୍ରେତା ସଂଘର ଆନ୍ଦୋଳନ ଧମକ

# ସୋମବାରଠାରୁ ଦୋକାନ ବନ୍ଦ ନିଷ୍ପତ୍ତି

ପାଲଲହଡା,୧୯।୧୧(ଡି.ଏନ.ଏ.)

ଥଇଥାନ ଦାବିରେ ପାଲଲହଡା ସଦର ମହକୁମାସ୍ଥିତ ମାଛ, ମାଂସ ବିକ୍ରେତା ସଂଘ ପକ୍ଷରୁ ଆନ୍ଦୋଳନ ଧମକ ଦିଆଯାଇଛି। ଆସନ୍ତା ସୋମବାରଠାରୁ ସଦର ମହକୁମାଠାରେ ଥିବା ସମସ୍ତ ମାଛ, ମାଂସ ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବାକୁ ସଂଘ ନିଷ୍ପତ୍ତି ନେଇଛି। ମଙ୍ଗଳବାର ସ୍ଥାନୀୟ ପ୍ରଶାସନ ଏବଂ ବିକ୍ରେତା ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ସଂଘ ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ବହୁ ବର୍ଷରୁ ସ୍ଥାନୀୟ ବଜାର ନିକଟରେ ଦେବୋତ୍ତର ସ୍ଥାନରେ ଥିବା ମାଛ, ମାଂସ ମାର୍କେଟକୁ କିଛିଦିନ ତଳେ ପ୍ରଶାସନ ବେଆଇନ ଦର୍ଶାଇ ଉଚ୍ଛେଦ କରିଥିଲା। ପରେ କିଛି ବ୍ୟବସାୟୀ ନୂତନ ବାଇପାସ ନିକଟକୁ ଉଠିଯାଇଥିବାବେଳେ ଆଉ କେତେଜଣ ବିଭିନ୍ନ ଗଳିକନ୍ଦିରେ ଅସ୍ଥାୟୀ ଦୋକାନ ଖୋଲି ବେପାର କରୁଥିଲେ। ତେବେ ପ୍ରଶାସନ ସେହି ଦୋକାନଗୁଡିକୁ ମଧ ବନ୍ଦ କରିବା ପାଇଁ ନୋଟିସ ଜାରି କରିଛି। ଏହାକୁ ନେଇ ବିକ୍ରେତା ସଂଘ ଏବଂ ପ୍ରଶାସନ ମଧ୍ୟରେ ମଙ୍ଗଳବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ବୈଠକ ବସିଥିଲା। ଏଥିରେ ସମସ୍ତ ବ୍ୟବସାୟୀ ସ୍ଥାନୀୟ ସାପ୍ତାହିକ ହାଟ ନିକଟରେ ଦୋକାନ ଖୋଲିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ସେଠାରେ ପାଣି ଏବଂ ବିଦ୍ୟୁତ୍‌ର ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଦୋକାନ ଖୋଲା ଯାଇପାରିବ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ପ୍ରଶାସନ ଏବଂ ବିକ୍ରେତା ସଂଘ ନିଜ ନିଜ ଜିଦରେ ଅଟଳ ରହିବା ଫଳରେ ଆଲୋଚନା ବିଫଳ ହୋଇଥିଲା। ଏହାର ପ୍ରତିବାଦରେ ଆସନ୍ତା ସୋମବାର ଠାରୁ ଦୋକାନ ବନ୍ଦ ପାଇଁ ସଂଘ ନିଷ୍ପତ୍ତି ନେଇଛି। ଅନ୍ୟପଟେ ପ୍ରଶାସନକୁ ସହଯୋଗ କରିବା ପାଇଁ ଉପଜିଲାପାଳ ଅଜିତ କୁମାର ପ୍ରଧାନ କହିଥିବାବେଳେ ଦୋକାନୀମାନଙ୍କୁ ଆଗାମୀ ଦିନରେ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏହି ବୈଠକରେ ତହସିଲଦାର ସ୍ୱାଗତ ଦାସ, ସରପଞ୍ଚ ନିରୁପମା ବୋଷଙ୍କ ସହ ବିକ୍ରେତା ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ଅନୁଗୋଳ ଅଫିସ,୧୯।୧୧



ଅନୁଗୋଳ ବ୍ଲକ ଖଲାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌କେସି ବିଇଡି ମହାବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଅଧ୍ୟାପକ ବ୍ରହ୍ମାନନ୍ଦ ସାହୁ, ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ଖଲାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ଦାସ ଯୋଗ ଦେଇଥିଲେ। ଏହି ବିଜ୍ଞାନ ମେଳାରେ ୪୧ଟି ଉଚ୍ଚ ବିଦ୍ୟାଳୟର ପ୍ରକଳ୍ପ, ୬୫ଟି ପ୍ରାଥମିକ ବିଦ୍ୟାଳୟର ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୧୦ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଛି। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅଞ୍ଜଳୀପ୍ରିୟା ପ୍ରଧାନ ପରିଚାଳନା କରିଥିଲେ।

## କେନ୍ଦୁଝରରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ



ସୁବ୍ରତ ବାଗ୍‌ଚୀ ଛାତ୍ରୀମାନଙ୍କ ସହ ଆଲୋଚନା କରୁଛନ୍ତି।

କେନ୍ଦୁଝର, (ସ୍ୱ.ପ୍ର.)

ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ମଙ୍ଗଳବାର କେନ୍ଦୁଝର ଜିଲା ଗସ୍ତରେ ଆସି ବଡବିଲ ସ୍ଥିତ ସରକାରୀ ଆଇଟିଆଇ ଓ ସଦର ବ୍ଲକ ବୋଦାପଳସା ଠାରେ ଥିବା ଗ୍ରାମ ତରଙ୍ଗ ପରିଦର୍ଶନ କରିଛନ୍ତି। ପୂର୍ବାହ୍ନରେ ବଡବିଲ ସ୍ଥିତ ସରକାରୀ ଆଇଟିଆଇର ଭିତ୍ତିଭୂମି, ପରିଚାଳନା, ତାଲିମ ପ୍ରଦାନ ବ୍ୟବସ୍ଥା ଆଦିର ତଦାରଖ କରିଛନ୍ତି । ସେହିପରି ଅପରାହ୍ନରେ ଗ୍ରାମ ତରଙ୍ଗ ପରିଦର୍ଶନ କରିଛନ୍ତି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ତାଲିମ ନେଉଥିବା ଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରିଥିଲେ। ସେଠାରେ ଚାଲିଥିବା ତାଲିମ, ରହଣୀ ଓ ଖାଦ୍ୟବ୍ୟବସ୍ଥା ଆଦି ବିଷୟରେ ଆଲୋଚନା କରିଥିଲେ। ଗ୍ରାମ ତରଙ୍ଗ ବୋଦାପଳସାକୁ କିପରି ଜାତୀୟ ସ୍ତରୀୟ ତାଲିମ କେନ୍ଦ୍ରରେ ପରିଣତ କରାଯାଇପାରିବ ସେ ନେଇ ପଦକ୍ଷେପ ନେବେ ବୋଲି କହିଥିଲେ । ତାଙ୍କ ସହିତ ଜିଲାପାଳ ଆଶୀଷ ଠାକରେ, ପିଡି ଡିଆରଡିଏ ଡକ୍ଟର ଉଦ୍ଧବ ମାଝୀ, ଓରମାସ ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀଙ୍କ ସହ ଆଲୋଚନା କରିଛନ୍ତି।

## ଜିଲାସ୍ତରୀୟ ଅଧ୍ୟୟନ ଶିବିର

ଚମ୍ପୁଆ, ୧୯।୧୧(ଡି.ଏନ.ଏ.)

ଚମ୍ପୁଆ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ ଜିଲା ସ୍ତରୀୟ ଅଧ୍ୟୟନ ଶିବିର ଅନୁଷ୍ଠିତ ହୋଇଛି। ୩ ଦିନ ଧରି ଅନୁଷ୍ଠିତ ଏହି ଶିବିରରେ 'ଗୀତା ନିବନ୍ଧମାଳା' ଉପରେ ମାର୍ଗ ଦର୍ଶନ ଦିଆଯାଇଥିଲା। ପଣ୍ଡିଚେରୀ ଆଶ୍ରମର ପ୍ରଫେସର ମଧୁସୂଦନ ମହାପାତ୍ର ଏହି ମାର୍ଗଦର୍ଶନ କରିଛନ୍ତି।

# ହଜିବାକୁ ବସିଛି ବିଲ ମାଛ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର ୧୯।୧୧

ବହୁ ପରିମାଣରେ ରାସାୟନିକ ସାର ଓ କୀଟନାଶକ ଔଷଧର ବ୍ୟବହାର ତଥା ଜଳବାୟୁରେ ପରିବର୍ତ୍ତନ ଯୋଗୁ ଆଗରୁ ମିଳୁଥିବା ବିଲଗଡିଆରୁ ମାଛ ଲୋପ ପାଇଗଲାଣି। ସେହିପରି ପ୍ରୋତ୍ସାହନ ଅଭାବରୁ ଦେଶୀ ମାଛ ଲୋପ ପାଇବାକୁ ବସିଥିବା ବେଳେ ଆନ୍ଧ୍ର ପ୍ରଦେଶରୁ ଆସୁଥିବା ମାଛ ସମସ୍ତଙ୍କ ସାହାଭରସା। ସେହିପରି ଗଡିଆ, ପୋଖରୀ ଆଦି ଜଳାଶୟ ପୋତି ହୋଇଯିବା ସହ ଜଳ ପ୍ରଦୂଷଣ ହେଉଥିବାରୁ ମାଛ ସେଭଳି ମିଳୁନାହିଁ । ବିଲଗାଡିଆରେ ମାଛ ମିଳୁ ନ ଥିବାରୁ ଏହାର ପ୍ରଭାବ ଏହାକୁ ଖାଇ ବଞ୍ଚୁଥିବା ପକ୍ଷୀ ମାନଙ୍କ ଉପରେ ପଡୁଛି । ଦେଶୀ ମାଛ ବ୍ୟତୀତ ଦେଶୀ ଚିଙ୍ଗୁଡି, କଙ୍କଡା ମଧ ମିଳୁନାହିଁ । ଏଣୁ ବାହାର ରାଜ୍ୟର ହାଇବ୍ରିଡ ମାଛ, ସମୁଦ୍ର ଚିଙ୍ଗୁଡି, କଙ୍କଡା ଉପରେ ସମସ୍ତଙ୍କ ଭରସା ।

ବିଶେଷ କରି ବର୍ଷା ଋତୁରେ ଧାନ ଚାଷ ସାଙ୍ଗକୁ ବିଲରୁ ମାଛ ଧରିବା ଚାଷୀଙ୍କୁ ଆନନ୍ଦିତ କରିଥାଏ। ଛୋଟ ପିଲା ଠାରୁ ଆରମ୍ଭ କରି ବଡ ଲୋକ ସମସ୍ତେ ଖଇଞ୍ଚି ବା କାହାଣିଆ, ଜାଲ, ଗାମୁଛା ଆଦି ବିଭିନ୍ନ ଉପାୟରେ ମାଛ



ବାଂଶପାଳ ବ୍ଲକ ଅଞ୍ଚଳର ଜଣେ ମହିଳା ନାଳ ମାଛକୁ ଶୁଖାଇ ଶୁଖୁଆ କରି ବିକ୍ରି କରୁଛନ୍ତି।

ଧରିଥାନ୍ତି। ରାତିରେ ବିଲରେ ମାଛ ଧରିବା ପାଇଁ ପାଣି ବୋହିଯାଉଥିବା ଧାରରେ କାହାଣିଆ ବସାଇ ଘରକୁ ଯାଇଥାନ୍ତି । ଏବଂ ସକାଳେ ଏଥିରେ ପଡିଥିବା ମାଛ ସଂଗ୍ରହ କରାଯାଏ । ଏବେ କାଁ ଭାଁ ମିଳୁଛି । ଏଣୁ ପ୍ରାୟ ପ୍ରତ୍ୟେକ ଘରେ ଦେଶୀ ମାଛର ବିଭିନ୍ନ ପ୍ରକାର ତିଅଣ ପ୍ରସ୍ତୁତ ହୋଇଥାଏ । ବଡ ମାଛ ଅପେକ୍ଷା ଛୋଟ ମାଛର ସ୍ୱାଦ ଅଧିକ ଏବଂ ସ୍ୱାସ୍ଥ୍ୟ ପକ୍ଷେ ହିତକର। ବିଶେଷ କରି ଚେଙ୍ଗ, ଗଡିଶ, ମାଗୁର, ତୁଡି, ନେତୁରୁ, ସେରମା, କରାଣ୍ଡି, କଉ, ସିଙ୍ଗି, କଂଟିଆ, ଗେନ୍ତୁ, ସେଉଳ, ବାହିଁରା, ବାଳିଆ ଆଦି ବିଭିନ୍ନ ପ୍ରକାରର ବିଲ ମାଛ ମିଳୁଥିଲା । ତେବେ ନେତୁରୁ, ସେରମା, କଉ, ସିଙ୍ଗି, ସେଉଳ, ବାହିଁରି, ବାଳିଆ ଆଦି ମାଛ ଧିରେ ଧିରେ ଲୋପ ପାଇବାକୁ ଲାଗିଛି । ସେହିପରି ଧାନ ପାଚିଲା ପରେ ଝୁରୀ, ଦଣ୍ଡକାରୀ, ଚିଙ୍ଗୁଡି ଆଦି ମାଛ ମିଳିଥାଏ । ଏହି ସବୁ ମାଛର ସ୍ୱାଦ ବହୁତ ଭଲ । ଏହାକୁ ଭାଜି, ତରକାରୀ କରି ବା ପୋଡି ଖାଇଥାନ୍ତି । ଅନେକ ଖରାରେ ଶୁଖାଇ ଶୁଖୁଆ କରିଥାନ୍ତି।

ପଶୁ ମାଛ ଖାଇବା ପାଇଁ ବିଲ ଗଡିଆରେ ଆଗରୁ ବହୁ ସଂଖ୍ୟାରେ ବଗ, ଡାହୁକ, ଗେଣ୍ଡାଳିଆ, ସରାଡି, ପାଣିକୁଆ, ମାଛରଙ୍କା ପ୍ରଭୃତି ମାଛ ଖାଇବାକୁ ବିଲରେ ବସୁଥିଲା। ବିଷାକ୍ତ ସାରର ପ୍ରୟୋଗ ଏବଂ କୀଟ ନାଶକ ଔଷଧର ବ୍ୟବହାର ଏହି ସବୁ ମାଛ ଲୋପ ପାଇବାର କାରଣ ବୋଲି ମତ ପ୍ରକାଶ ପାଉଛି। ସେହିପରି ବର୍ଷା ଅଭାବ, ଅବିଚାରିତ ବର୍ଷା ଏବଂ ମୋଟାମୋଟି ଭାବରେ ଜଳବାୟୁରେ ପରିବର୍ତ୍ତନ, ପରିବେଶ ନଷ୍ଟ ଆଦି କାରଣ ଯୋଗୁଁ ଆଗଭଳି ମାଛ ଦେଖିବାକୁ ମିଳୁନାହିଁ । ଏଣୁ ମାଛର ସୁରକ୍ଷା ପାଇଁ ଜୈବିକ ସାର ପ୍ରୟୋଗ ଉପରେ ପରିବେଶବିତ ଏବଂ ଚାଷୀ ମାନେ ଗୁରୁତ୍ୱ ଦେଉଛନ୍ତି।

■♦ପୌର କାର୍ଯ୍ୟାଳୟରେ ସମୀକ୍ଷା କଲେ ଜିଲାପାଳ

# ଅଧିକ ଟିକସ ଆଦାୟ କରିବାକୁ ପରାମର୍ଶ

ଅନୁଗୋଳ ଅଫିସ, ୧୯।୧୧

ଅନୁଗୋଳ ଜିଲାପାଳ ତଥା ପୌରପାଳିକା ପ୍ରଶାସକ ଦାୟିତ୍ୱରେ ଥିବା ମନୋଜ କୁମାର ମହାନ୍ତି ମଙ୍ଗଳବାର ପୌର କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତରେ ଜିଲାପାଳ ବିଭିନ୍ନ ବିଭାଗର କାର୍ଯ୍ୟ ତଦାରଖ କରିଥିଲେ। ତେବେ ଟିକସ ଆଦାୟ ଓ ଆକାଉଣ୍ଟସ୍ ବିଭାଗ ଉପରେ ଜିଲାପାଳ ଅଧିକ ଗୁରୁତ୍ୱ ଦେଇଥିଲେ। ଅଧିକ ଟିକସ ଆଦାୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିବା ସୂଚନା ମିଳିଛି। ମଙ୍ଗଳବାର ଅପରାହ୍ନ ସାଢ଼େ ଚାରିଟାରୁ ସାଢ଼େ ସାତଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟା ଧରି ଜିଲାପାଳ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରିଥିଲେ। ଟିକସ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ଡାକି ପୌରାଞ୍ଚଳରୁ କିପରି ଅଧିକ ଟିକସ ଆଦାୟ ହୋଇପାରିବ ଓ ବକେୟା ଆଦାୟ କରିହେବ ସେ ନେଇ ପରାମର୍ଶ ଦେଇଥିଲେ। ତେବେ ଆକାଉଣ୍ଟ ବିଭାଗରେ ଥିବା ୮ କୋଟି ଟଙ୍କାରୁ କେଉଁ ବାବଦରେ କେତେ ଖର୍ଚ୍ଚ କରାଯିବ ସେ ସମ୍ପର୍କରେ ତଥ୍ୟ ମିଳି ନ ପାରିବାରୁ ଜିଲାପାଳ ବିରକ୍ତିଭାବ ପ୍ରକାଶ କରିବା ସହ ତୁରନ୍ତ ଚିଠା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲୋକଙ୍କୁ ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ପୌରପାଳିକାର ମୁଖ୍ୟ ସମସ୍ୟା ପରିମଳ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଏ ନେଇ ପୌରନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି, ପୌର ପ୍ରଶାସକ ମଙ୍ଗଳବାର ସମୀକ୍ଷା କରିଥିଲେ। ପରାମର୍ଶ ଅନୁଯାୟୀ କାର୍ଯ୍ୟଗୁଡ଼ିକୁ ରୂପାୟନ କରାଯିବ।

## ସଂକ୍ଷେପରେ

### ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

ରାଇରଙ୍ଗପୁର,୧୯।୧୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳରୁ ଗତ ୧୫ ତାରିଖରେ ଜନୈକା ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇ ସମ୍ପୃକ୍ତ ନାବାଳିକାଙ୍କୁ ଭୁବନେଶ୍ୱରର ଡମଣା ଅଞ୍ଚଳରୁ ଶୁକ୍ରବାର ଉଦ୍ଧାର କରିଛି। ସୋମବାର ଅପହରଣକାରୀ ଯୁବକ କ୍ଷୀରୋଦ ବେହେରାଙ୍କୁ ରାଇରଙ୍ଗପୁର ବସ୍‌ଷ୍ଟାଣ୍ଡରୁ ମଧ ଗିରଫ କରାଯାଇଛି। ପୋଲିସ ରାଇରଙ୍ଗପୁର ହସ୍ପିଟାଲରେ ଉଭୟ ନାବାଳିକା ଓ ଯୁବକଙ୍କ ଡାକ୍ତରୀମାଇନା କରାଇଛି। ଏନେଇ ଏକ ମାମଲା (ନଂ.୮୬/୧୯) ରୁଜୁ ହୋଇଛି।

### ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

ବଡ଼ସାହି,୧୯।୧୧(ସ୍ୱ.ପ୍ର)- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଧନାସାହି ଗ୍ରାମର ଜନୈକା ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ମହିଳା ଜଣକ ହେଲେ ସେହି ଗ୍ରାମର ବାସନ୍ତୀ ସିଂ(୬୨)। ପୋଲିସ ସୂଚନା ଅନୁଯାୟୀ, ଦୁଇ ଦିନ ପୂର୍ବେ ମୁଣ୍ଡରେ ଗଭୀର କ୍ଷତ ହେବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପ୍ରଥମେ ବଡସାହି ଓ ପରେ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୩/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଫିସର ପ୍ରକାଶ କରିଛନ୍ତି।

### ଠିକାଦାର ସଂଘ ପକ୍ଷରୁ କୁଶପୁତ୍ତଳିକା ଦାହ

ଉଦଳା,୧୯।୧୧(ଡି.ଏନ୍.ଏ.)-୧୦ ଦଫା ଦାବି ନେଇ ନିଖିଳ ଓଡ଼ିଶା ଠିକାଦାର ସଂଘର ସଦସ୍ୟମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଉଦଳା ଠିକାଦାର ସଂଘ ମଧ ସଂଘର ଏହି ଦାବିକୁ ସମର୍ଥନ ଜଣାଇ ଆନ୍ଦୋଳନ ଜାରି ରଖିଛନ୍ତି। ତେବେ ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ହୋଇଥିବା ରାସ୍ତାର ତଦନ୍ତ ନେଇ ଏକ ସ୍ୱତନ୍ତ୍ର ଟିମ୍ ଆସିଥିବାରୁ ଏହାକୁ ଉଦଳା ଠିକାଦାର ସଂଘ ବିରୋଧ କରିଛି। ସୋମବାର ବିଭାଗୀୟ ମୁଖ୍ୟଯନ୍ତ୍ରୀ ତଦନ୍ତ ପାଇଁ ଆସିଥିବା ବେଳେ ଠିକାଦାର ସଂଘର କର୍ମକର୍ତ୍ତା ବିରୋଧ କରିବା ସହ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏନେଇ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ କୁହନ୍ତି, ଯେଉଁ ରାସ୍ତାର ତଦନ୍ତ ପାଇଁ ମୁଖ୍ୟଯନ୍ତ୍ରୀ ଆସିଥିଲେ ସେହି ରାସ୍ତା ନିର୍ମାଣ କରିଥିବା ଠିକାଦାର ସେଠାରେ ଅନୁପସ୍ଥିତ ଥିଲେ। ତେବେ ଠିକାଦାରଙ୍କ ଅନୁପସ୍ଥିତିରେ ଠିକ୍ ତଦନ୍ତ କିପରି ହେବ ବୋଲି ସେ ପ୍ରଶ୍ନ କରିଛନ୍ତି।

# ପହିଲାରେ ସମୂହ ଇସ୍ତଫା ଦେବେ ସେବାୟତ

ବାରିପଦା ଅଫିସ,୧୯।୧୧

ବାରିପଦା ସ୍ଥିତ ଜଗନ୍ନାଥ ମନ୍ଦିରର ସ୍ୱାତନ୍ତ୍ର୍ୟ ରହିଛି। ଦେବୋତ୍ତର ବିଭାଗ ଦ୍ୱାରା ଏହା ପରିଚାଳିତ ହେଉଥିବା ବେଳେ ସବୁବେଳେ ବିଭିନ୍ନ ଅବ୍ୟବସ୍ଥା ଦେଇ ଗତି କରୁଛି। ଏ ନେଇ ସେବାୟତମାନେ ଅନେକ ଥର ଆନ୍ଦୋଳନ କରିଥିଲେ ମଧ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି। ନଭେମ୍ବର ଶେଷ ସୁଦ୍ଧା ମନ୍ଦିରର ବିଭିନ୍ନ ସମସ୍ୟା ସମାଧାନ ନ ହେଲେ ଡିସେମ୍ବର ପହିଲାରୁ ସମସ୍ତ ସେବାୟତ ସମୂହ ଇସ୍ତଫା ଦେବା ନେଇ ନିଷ୍ପତ୍ତି ନେଇଛନ୍ତି। ସେବାୟତ ଅରୁଣ କୁମାର ମିଶ୍ର, କାମେଶ୍ୱର ତ୍ରିପାଠୀ, ଶଶିଭୂଷଣ ଦାସ ଓ ସୋମନାଥ ପଣ୍ଡାଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଦେବୋତ୍ତର ଅଧିକାରୀ ତଥା ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି।


ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ସେବାୟତଙ୍କ ଅଭିଯୋଗ ଅନୁଯାୟୀ, ବିଗତ ୧୦ ବର୍ଷ ହେବ ସେମାନେ ମନ୍ଦିରର ସ୍ୱାର୍ଥ ନେଇ ଆନ୍ଦୋଳନ କରିଆସୁଛନ୍ତି। ଗତ ଏପ୍ରିଲ ମାସରେ ବାରିପଦାକୁ ନିର୍ବାଚନ ପ୍ରଚାରରେ ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମନ୍ଦିରକୁ ଆସି ଠାକୁର ଦର୍ଶନ କରିଥିଲେ। ସେତେବେଳେ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ଦାବି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କୁ ଭୁବନେଶ୍ୱର ଆସିବାକୁ କହି ଚାଲି ଯାଇଥିଲେ। ଏହା ପରେ ସେମାନଙ୍କ କଥା ପ୍ରତି ଜିଲା ପ୍ରଶାସନ ଓ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି କର୍ଣ୍ଣପାତ କରି ନ ଥିଲେ। ଫଳରେ ବାଧ ହୋଇ ସେମାନେ ଭୁବନେଶ୍ୱରକୁ ପଦଯାତ୍ରାରେ ବାହାରିଥିଲେ। ସେତେବେଳେ ସେମାନଙ୍କୁ ବୁଝା ସୁଝା କରି ଅଧା ରାସ୍ତାରୁ ଫେରେଇ ଅଣିଥିଲା ଜିଲା ପ୍ରଶାସନ। ମାତ୍ର ସେମାନଙ୍କ କଥା କେହି ନ ଶୁଣିବାରୁ ପୁନର୍ବାର ପଦଯାତ୍ରାରେ ଭୁବନେଶ୍ୱର ବାହାରିଥିଲେ। ପରେ ବାଧ ହୋଇ ଜିଲା ପ୍ରଶାସନ ସହଯୋଗରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିବାର ସୁଯୋଗ ମିଳିଥିଲା। ତେବେ ସେହି ଆଲୋଚନା ପ୍ରତିଶ୍ରୁତିରେ ରହିଯାଇଛି ବୋଲି ସେବାୟତମାନେ ଅଭିଯୋଗ କରିଛନ୍ତି। ଏଣୁ ସେମାନେ ସମୂହ ଇସ୍ତଫା ଦେବାର ନିଷ୍ପତ୍ତି ନେଇଥିବା ଦର୍ଶାଇଛନ୍ତି।

# ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା


କୃତୀ ପ୍ରତିଯୋଗୀ ଓ ଅତିଥି ବୃନ୍ଦ।

ବାରିପଦା ଅଫିସ,୧୯।୧୧

ପ୍ରଜ୍ଞାନ ମିଶନ ବାଲିଘାଇ ପୁରୀ ଆନୁକୂଲ୍ୟରେ ଶିରିଶବଣି ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ(ଏସଭିଏସ)ରେ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏସଭିଏସର ସମ୍ପାଦକ ଅଜୟ କୁମାର ମିଶ୍ର ଏବଂ ଅଧକ୍ଷା ତଥା ପ୍ରଜ୍ଞାନ ମିଶନର ଜିଲା ସଞ୍ଚାଳିକା ବୀଣାପାଣି ଦାଶ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ମୂଲ୍ୟାଙ୍କନ କରିବା ପାଇଁ ପଣ୍ଡିତ ଶଙ୍କର୍ଷଣ ତ୍ରିପାଠୀ, ପଣ୍ଡିତ ସୁରେଶ କୁମାର ପାଣିଗ୍ରାହୀ ଓ ଅଧ୍ୟାପକ ଆଦର୍ଶ ଶତପଥୀ ବିଚାରକ ଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଭାଗ ନେବେ। ପୁରୀ ଜିଲା ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମରେ ଡିସେମ୍ବର ୨୯ ଓ ୩୦ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଚନ୍ଦ୍ରଶେଖର ଉପାଧ୍ୟାୟ, ଦେବସ୍ମିତା ବାରିକ ଓ ପ୍ରତିଭା ମହାନ୍ତି କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସହ ସଂଯୋଜକ ସନ୍ଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପରିବା ବୋଝେଇ ଗାଡ଼ି ଓଲଟି ୨ ଗୁରୁତର

ଠାକୁରମୁଣ୍ଡା,୧୯।୧୧(ଡି.ଏନ୍.ଏ.)–

ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଗଡ଼ଭଙ୍ଗା ଘାଟି ନିକଟରେ ମଙ୍ଗଳବାର ଭୋର ସମୟରେ ଏକ ପରିବା ବୋଝେଇ ମିନିଟ୍ରକ ଓଲଟି ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଠାକୁରମୁଣ୍ଡାରୁ ପରିବା ବୋଝେଇ କରି କଟକ ଯାଉଥିବା ବେଳେ ଗାଡ଼ିଟି ଭାରସ୍ୟାମ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇ ଯାଇଥିଲା। ଫଳରେ ଗାଡ଼ିରେ ଥିବା ଠାକୁରମୁଣ୍ଡା ନିକଟ ତାଳପଦା ଗ୍ରାମର ପରିବା ବେପାରୀ ନିର୍ମଳ ପଲେଇ ଗାଡ଼ି ଭିତରେ ଚାପିହୋଇ ରହିଯାଇଥିଲେ। ଖବରପାଇ ଠାକୁରମୁଣ୍ଡା ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ିର ଡ୍ରାଇଭର କରଞ୍ଜିଆର ରଣଜିତ ରାମ ମଧ ଆହତ ହୋଇଥିଲେ। ଉଭୟଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନିର୍ମଳଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମହୁଲଡ଼ିହା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# ମଦ ବିରୋଧୀ ଶୋଭାଯାତ୍ରା

କପ୍ତିପଦା,୧୯।୧୧(ଡି.ଏନ୍.ଏ.)

ଆସନ୍ତା ୨୭ ତାରିଖରେ ଭୁବନେଶ୍ୱର ପିଏମଜି ଛକ ଠାରେ ଏଆଇଡିୟୁଓ ସଂଗଠନ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ନୂତନ ମୋଟର ଯାନ ଆଇନରେ ବର୍ଦ୍ଧିତ ଜରିମାନା ରାଶି ପ୍ରତ୍ୟାହାର ଓ ରାଜ୍ୟରେ ମଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦାବିରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର କପ୍ତିପଦା ବ୍ଲକ୍ ଅଧୀନ ଶରତଠାରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମା ସିଂ ନେତୃତ୍ୱରେ ଶରତ କଲେଜ ଛକରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ବିର୍ସାମୁଣ୍ଡା ଛକରେ ପହଞ୍ଚିଥିଲା। ସେଠାରେ ଏ ସମ୍ପର୍କରେ ଉପସ୍ଥିତ ଯୁବତୀ ଯୁବକମାନଙ୍କୁ ସଚେତନ କରାଯାଇଥିଲା।

# ମୃତ ପୋଲିସ ଏସ୍‌ଆଇଙ୍କୁ ଗାର୍ଡ ଅଫ୍ ଅନର

ବାରିପଦା ଅଫିସ,୧୯।୧୧

- ବାରିପଦା ଆସି ସମବେଦନା ଜଣାଇଲେ ପୋଲିସ ଆଇଜି
- ଜଣେ ଅଧିକାରୀଙ୍କୁ ଦାୟୀ କଲେ ମୃତକଙ୍କ ସ୍ତ୍ରୀ

ବାରିପଦା ସହର ତକତପୁର ସ୍ଥିତ ୟୁନିଭର୍ସିଟି ରୋଡରେ ସୋମବାର ସନ୍ଧ୍ୟାରେ ଗାଡ଼ି ଚେକିଂ ବେଳେ ଏକ ବାଇକ୍ ଧକ୍କାରେ ଟାଉନ ଥାନାର ସବ ଇନ୍ସପେକ୍ଟର(ଏସ୍‌ଆଇ) ଦୟାନିଧୀ ଦାଶଙ୍କ ମୃତ୍ୟୁ ଘଟିଛି। ଜିଲା ପୋଲିସ ପକ୍ଷରୁ ରିଜର୍ଭ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଛି। ଆଇଜି ଦିପ୍ତେଶ ପଟ୍ଟନାୟକ ବାରିପଦା ଆସି ସବ ଇନ୍ସପେକ୍ଟର ଦାଶଙ୍କ ମରଶରୀରକୁ ସମ୍ମାନ ଜଣାଇଛନ୍ତି। ରାଜ୍ୟ ପୋଲିସ କଲ୍ୟାଣ ପାଣ୍ଠିରୁ ୫୦ ହଜାର ଓ ରେଡକ୍ରସରୁ ୧୦ ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ରାଜ୍ୟ କୃଷି ଶିଳ୍ପ ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ଏସପି ପରମାର ସ୍ମିଥ ପୁରୁଷୋତ୍ତମଦାସ, ଏଏସପି ଅଭିମନ୍ୟୁ ନାୟକ, ବାରିପଦା ସଦର ଏସଡପିଓ କେ.କେ ହରିପ୍ରସାଦ ପ୍ରମୁଖଙ୍କ ସମେତ ବିଭିନ୍ନ ପୋଲିସ ଅଧିକାରୀ, କର୍ମଚାରୀ, ଜିଲା ଓକିଲ ସଂଘର କର୍ମକର୍ତ୍ତା, ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶେଷ ଦର୍ଶନ କରି ସମ୍ମାନ ଜଣାଇଥିଲେ।

ଅନ୍ୟପକ୍ଷେ ମୃତ ସବଇନ୍ସପେକ୍ଟରଙ୍କ ପତ୍ନୀ ଜଣେ ଅଧିକାରୀଙ୍କୁ ଏହି ଘଟଣା ପାଇଁ ଦାୟୀ କରିଛନ୍ତି। ପୂର୍ବରୁ ମୃତକଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ନ ଥିବାରୁ ସେ ଭିଆରଏସ୍ ପାଇଁ ଆବେଦନ କରିଥିଲେ। ପୋଲିସ ବିଭାଗ ଜାଣି ଶୁଣି ଏଥିରେ ବିଳମ୍ବ କରିଥିବା ବେଳେ ସମ୍ପୃକ୍ତ ଅଧିକାରୀ ତାଙ୍କୁ ବିଭିନ୍ନ କାର୍ଯ୍ୟରେ ଜୋର ଜବରଦସ୍ତ ନିୟୋଜିତ କରୁଥିଲେ। ସେ ମନା କଲେ ମଧ ଧମକ ଚମକ ଦେଇ କଠିନ ପରିଶ୍ରମ ଥିବା କାର୍ଯ୍ୟରେ ପଠାଉଥିଲେ। ଏନେଇ ସେ ବହୁ ଦିନରୁ ମାନସିକ ଚାପରେ ଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପରିସରରେ ସମସ୍ତ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ସେ ଉକ୍ତ ଅଧିକାରୀଙ୍କୁ ଏହାର କୈଫିୟତ ମାଗିଥିଲେ। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏସମ୍ପର୍କରେ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ଜିଲା ପୋଲିସର କୌଣସି ଅଧିକାରୀ ମୁହଁ ଖୋଲି ନାହାନ୍ତି।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ବାରିପଦା ତକତପୁରସ୍ଥିତ ୟୁନିଭର୍ସିଟି ରୋଡରେ ଯାନବାହନ ଚେକିଂ କରାଯାଉଥିଲା। ବାରିପଦା ଟାଉନ ଥାନାର ସବ ଇନ୍ସପେକ୍ଟର ଦାଶ ଥାନାର କର୍ମଚାରୀମାନଙ୍କୁ ନେଇ ଏହି ଚେକିଂ କରୁଥିଲେ। ଏହି ସମୟରେ ବାରିପଦା ସହର ୱାର୍ଡ ନଂ.୧୨ ସୁନାମାହିଁ ଅଞ୍ଚଳର ଦୁଃଖିରାମ ସୋରେନ ଏକ ବାଇକ (ନଂ.ଓଡି.୧୧ଏସ-୧୩୫୮)ରେ ଦ୍ରୁତ ଗତିରେ ଏହି ରାସ୍ତାରେ ଯାଉଥିଲେ। ସବ ଇନ୍ସପେକ୍ଟର ଦାଶ ତାଙ୍କୁ ଅଟକାଇବାକୁ ହାତ ଦେଖାଇଥିଲେ। କିଛି ସମୟ ପାଇଁ ଦୁଃଖିରାମ ସେଠାରେ ଅଟକି ଥିଲେ ଏବଂ ସବ ଇନ୍ସପେକ୍ଟର ଦାଶଙ୍କୁ ଗାଳିଗୁଲଜ କରିଥିଲେ। ପରେ ସବ ଇନ୍ସପେକ୍ଟର ଦାଶଙ୍କୁ ଧକ୍କା ଦେଇ ସେଠାରୁ ଖସି ଯିବାକୁ ଉଦ୍ୟମ କରିଥିଲେ। ସବ ଇନ୍ସପେକ୍ଟର ଦାଶ ସେଠାରେ ପଡ଼ି ଯିବାରୁ ତାଙ୍କର ମୁଣ୍ଡ ଓ ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ପରେ ତାଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ଅଣାଯାଇଥିଲା। ହେଲେ ଚିକିତ୍ସା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଟାଉନ ଥାନାର ସବ ଇନ୍ସପେକ୍ଟର ରଞ୍ଜନ କୁମାର ବେହେରା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୫୩.୧୯) ରୁଜୁ କରି ଦୁଃଖିରାମଙ୍କୁ ଗିରଫ କରିଛି।

# ଦଗାବାଜ ଫୁଟବଲ ଟିମ୍ ଚାମ୍ପିୟନ

ବେତନଟୀ,୧୯।୧୧(ଡି.ଏନ୍.ଏ.)–

ବେତନଟୀ ବ୍ଲକ ଅଧୀନ ଆଗ୍ରିଆ ପଞ୍ଚାୟତ ଗବପାଳ ଗ୍ରାମରେ ଉତ୍କଳ ୟୁଥ କ୍ଲବ ତରଫରୁ ତୃତୀୟ ବାର୍ଷିକ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ବେତନଟୀ ଦଗାବାଜ ଫୁଟବଲ ଟିମ୍ ଚାମ୍ପିୟନ ହୋଇଥିବା ବେଳେ ଏଲବି ଫାଇଟର୍ସ ରନର୍ସଅପ, ମହାନ୍ତ ଫାଇଟର୍ସ କୋଠବାଡି ତୃତୀୟ ସ୍ଥାନ ଏବଂ ଏଲଟିଇ ସ୍ୱିଡ଼ବୟେଜ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥିଭାବେ ବେତନଟୀ ବ୍ଲକ ଉପାଧକ୍ଷା ଅମ୍ବିକା ବାରିକ୍, ଆଗ୍ରିଆ ପଞ୍ଚାୟତ ସମିତି ସଭ୍ୟ ସୁମିତା ମହାର୍ଣ୍ଣା, ସରପଞ୍ଚ ମିନତୀ ସିଂ, ୱାର୍ଡ଼ମେମ୍ବର ଭବେଶ ମହାନ୍ତ, ସମାଜସେବୀ ଜୀବନ ପରିଡ଼ା ଯୋଗ ଦେଇଥିଲେ। ଗବପାଳ ଉତ୍କଳ ୟୁଥ କ୍ଲବର ସଭାପତି ମକରା ମହାନ୍ତ, ସମ୍ପାଦକ ସଞ୍ଜୟ ମହାନ୍ତ, ଅନୁଷ୍ଠାନର ମୁଖ୍ୟ ନରହରି ମହାନ୍ତ, ଈଶ୍ୱର ମହାନ୍ତ, ମାନସ ମହାନ୍ତ ଖେଳ ପରିଚାଳନାରେ ସହଯୋଗ କରିଥିଲେ। କ୍ଲବର ଉପଦେଷ୍ଟା ସୁନ୍ଦର ମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଲ୍‌ବୁଲ୍ ଦଳ ଚାମ୍ପିୟନ

ବଡ଼ସାହି,୧୯।୧୧(ସ୍ୱ.ପ୍ର)

ବଡ଼ସାହି ବ୍ଲକ ଅଧୀନ ଖାନୁଆ ଗ୍ରାମରେ ୨୪ତମ ଧ୍ରୁବେନ୍ଦ୍ର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ବୁଲ୍‌ବୁଲ୍ ଏଫସି ଦଳ ଏବଂ ଧାନଘେରା ଖୁଦପୁଟୁଳି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୁଲ୍‌ବୁଲ୍ ଦଳ ୧-୦ ଗୋଲରେ ଖୁଦପୁଟୁଳି ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଯୋଗଦେଇ ଚାମ୍ପିୟନ ଦଳକୁ ୧୦ହଜାର ଓ ରନର୍ସ ଅପ୍ ଦଳକୁ ୭ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର ସମ୍ପାଦକ ଯୋଗେନ୍ଦ୍ର ଗିରି ଓ ସହସମ୍ପାଦକ ଗୋବିନ୍ଦ ବେହେରାଙ୍କ ସହ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

- ୧୭ ବର୍ଷରୁ କମ୍ କ୍ରିକେଟ ଖେଳାଳି ଚୟନ ପ୍ରତିଯୋଗିତା

# ୩୦ ଖେଳାଳି ରାଜ୍ୟସ୍ତରକୁ ମନୋନୀତ


ଚୟନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଖେଳାଳି ଓ ଅତିଥିବୃନ୍ଦ।

ଖୁଣ୍ଟା,୧୯।୧୧(ଡି.ଏନ୍.ଏ.)

ଖୁଣ୍ଟା ବ୍ଲକ ଅଧୀନ ବାସିପିଠା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୭ ବର୍ଷରୁ କମ୍ କ୍ରିକେଟ ଖେଳାଳିଙ୍କ ଜିଲାସ୍ତରୀୟ ଚୟନ ପ୍ରତିଯୋଗିତା ୨୦୧୯-୨୦୨୦ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୋଡାଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର କାସ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବସିପିଠା ପଞ୍ଚାୟତର ସରପଞ୍ଚ ସରସ୍ୱତୀ ମାର୍ଣ୍ଡି ଯୋଗ ଦେଇଥିଲେ। ଜିଲା ଶାରୀରିକ ନିରୀକ୍ଷକ ଭାଗିରଥି ମଲିକ ପ୍ରତିଯୋଗିତା ସମ୍ପର୍କିତ ନିୟମାବଳୀର ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଖୁଣ୍ଟା ବ୍ଲକ ଏବିଇଓ ବୃନ୍ଦାବନ ମାର୍ଣ୍ଡି, ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନୁର୍ଜୟ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଚୟନ ପ୍ରକ୍ରିୟାରେ ଜିଲାର ୨୬ଟି ବ୍ଲକରୁ ମୋଟ ୩୪ ବାଳିକା ଓ ୧୨୮ ବାଳକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ଶ୍ରେଷ୍ଠ ଦକ୍ଷତା ପ୍ରଦର୍ଶନ କରିଥିବା ୧୫ ବାଳିକା ଏବଂ ୧୫ ବାଳକ ପ୍ରତିଯୋଗୀଙ୍କୁ ଚୟନକର୍ତ୍ତାମାନେ ଆଗାମୀ ୨୬ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅନୁଗୁଳ ସରକାରୀ ଉଚ୍ଚବିଦ୍ୟାଳୟରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ କରିଛନ୍ତି। ଉଦଯାପନୀ ସଭାରେ ମୁଖ୍ୟଅତିଥି ଏବିଇଓ ସୁକୁମାର ରାଉତ, ମୁଖ୍ୟ ବକ୍ତା ଶାରୀରିକ ଶିକ୍ଷକ ସଂଘର ସମ୍ପାଦକ କାର୍ତ୍ତିକ ସାମଲ ଓ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହାନ୍ତ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କର ନାମ ଘୋଷଣା କରିଥିଲେ। ଶିକ୍ଷକ ଜୟନ୍ତ କୁମାର ଛାଟିଆ ସ୍ୱାଗତ ଭାଷଣ ଦେଇଥିଲେ।

# ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ



ଯଶିପୁର,୧୯।୧୧(ଡି.ଏନ୍.ଏ.):

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅଧୀନ ପଣସିଭରଡ଼ାପୋଷି ଷ୍ଟାଡିୟମରେ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷକ ହରିହର ମହାନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମେନକା ନାୟକ,ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ, ପିଇଓ ରାଜେଶ କାଳନ୍ଦୀ, ଅମିତ ବାରିକ, ଶିବଚରଣ ମହାନ୍ତ, ଭୂପତି ଭୂଷଣ ମହାନ୍ତ, ଯଦୁମଣୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଜୋରଦାଜିପି ଏବଂ ଟୁଇଙ୍କିଲ୍ ଟୁଇଙ୍କିଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୁଇଙ୍କିଲ୍ ଟୁଇଙ୍କିଲ ଦଳକୁ ୨-୧ ଗୋଲରେ ହରାଇ ଜୋରଦା ଟିମ୍ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ୨୫ ହଜାର ଓ ରନର୍ସଅପ ଦଳକୁ ୨୦ ହଜାର ଟଙ୍କା ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ହଦଗୁଠ ଚାମ୍ପିୟନ

କପ୍ତିପଦା,୧୯।୧୧(ଡି.ଏନ୍.ଏ.)

କପ୍ତିପଦା ବ୍ଲକ୍ ଅଧୀନ ଶରତ ବିର୍ସା ମୁଣ୍ଡା ମିନି ଷ୍ଟାଡ଼ିୟମ ରଙ୍ଗାମାଟିଆଠାରେ ଆର୍‌କେପିଏସ୍ ବୀର ଜୁଆନ୍ ଆକାଳା ସଂଗଠନ ଆନୁକୂଲ୍ୟରେ ୧୭ତମ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ଖେଳ ହଦଗୁଠ ଆଲେଦ ଘାଟି ଲାତାର ଏବଂ କାଦବାହାଳି ପୁନାଇଁ ଚାଣ୍ଡୁ ମାର୍ଶାଲ୍ ଆକାଳ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହଦଗୁଠ ଦଳ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ସିଂପୂର୍ତ୍ତୀ, ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ନନ୍ଦଲାଲ ସେଠୀ, ସମ୍ମାନନୀୟ ଅତିଥିଭାବେ ଶରତ ପଞ୍ଚାୟତ ସରପଞ୍ଚ ଚୈତନ୍ୟ ସୋରେନ୍, ସମିତି ସଭ୍ୟା ପଦ୍ମାବତୀ ସିଂ, ସୁଦର୍ଶନ ମୁଦୁଲି, ପ୍ରାକ୍ତନ ସେନା କର୍ମଚାରୀ ସିଂରାୟ ସିଂତିୟୁ, ରବୀନ୍ଦ୍ର ସିଂପୂର୍ତ୍ତୀ, ଦିବାକର ସିଂପୂର୍ତ୍ତୀ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜଣ୍ଡକ ସିଂ, ବାଗୁନ୍ ସିଂ, ଲକ୍ଷ୍ମୀଧର ମାର୍ଣ୍ଡି ଓ କେଦାର କାଲୁଣ୍ଡିଆ ଖେଳ ପରିଚାଳନା କରିଥିଲେ। ଚାମ୍ପିଅନ୍ ଦଳକୁ ୨୦ ହଜାର ଟଙ୍କା ସହିତ ଖାସି ଏବଂ ରନର୍ସଅପ୍ ଦଳକୁ ୧୫ ହଜାର ଟଙ୍କା ଏବଂ ଖାସି ପ୍ରଦାନ କରାଯାଇଥିଲା।



ପୁରସ୍କାର ବିତରଣୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

